# ପ୍ରିୟର

# ପ୍ରାଣ-ପ୍ରିୟା

ନଂ ୦174
ତା. 25/2/62

ଲେଖକ

ଶ୍ରୀ ରାଧାନାଥ ଶତପଥି

ମୂଲ୍ୟ—୭୫ ନୂ.ପ.

# ପ୍ରିୟର
# ପ୍ରାଣ-ପ୍ରିୟା

ଲେଖକ :

ଶ୍ରୀ ରାଧାନାଥ ଶତପଥି
ଗ୍ରାମ—ଉତ୍ତର ଶାସନ
( କଟକ )
ହାଃ ମୁଃ — କ୍ୱାଟର ନଂ ସି/୬
ସେକ୍ଟର ୧୭
ରାଉରକେଲା—୩

ପ୍ରକାଶକ :

ଶ୍ରୀ ବୈରାଗୀ ଚରଣ ଦାସ
ଗ୍ରାମ — ମାଳଦା
( ବାଲେଶ୍ୱର )

୧୯୬୨

ମୁଦ୍ରଣ : ହିନ୍ଦୁସ୍ତାନ ପ୍ରିଣ୍ଟର୍ସ
ରାଉରକେଲା—୧

ମୂଲ୍ୟ — ୭୫ ନ. ପ.

# ଉତ୍ସର୍ଗ

ଯେଉଁ ଗ୍ରାମର ମାୟା ମମତା ମୋ ହୃଦୟରେ
ଆଣେ ସ୍ପନ୍ଦନ; ଯାହାର ପ୍ରତି ପୁଟରେ ପୁଟରେ ଉଲଗ୍ନ
ହୋଇ ଖେଳଛି ମୁଁ ବାଲ୍ୟର ବାଲି ଖେଳ,
ସେଇ ଜନ୍ମ ଭୂମିର ପୂର୍ବ ପୁରୁଷ ମାନଙ୍କ
ଉଦ୍ଦେଶ୍ୟରେ ।

(ଲେଖକ)

ଗ ଉ ର କେ ଲ

## ଶୁଦ୍ଧିପତ୍ର

| ପୃଷ୍ଠା | ଭୁଲ୍ | ଶୁଦ୍ଧ |
|---|---|---|
| ୯ | ଉପର | ଉଦର |
| ୧୫ | ଇଡୋଇ | ଭଣୋଇ |
| ୧୬ | ବଣ୍ଡରୁ | କନ୍ଦରୁ |
| ୧୬ | ସର୍ମସ୍ୟା | ସମସ୍ୟା |
| ୧୮ | ଗୁଛ | ଗୁଛମୁ |
| ୧୮ | ଏ ନେବତା | ନ ନେବତା |
| ୧୯ | ବଣ ବାଦ୍ୟ | ରଣ ବାଦ୍ୟ |
| ୨୦ | ହୋଇଣ | ହୋରଣ |
| ୨୪ | କହ୍ନେ | କହ୍ନ |
| ୨୫ | ଉସଜ | ଉରଜ |
| ୨୯ | ତ ଇନ୍ଦ୍ରଧନୁ | ଶତ ଇନ୍ଦ୍ରଧନୁ |
| ୧୯ | ସୁସୁମ | ସୁସମ |

# ପ୍ରିୟର
# ପ୍ରାଣ ପ୍ରିୟା

ଶ୍ୱେତ ପରବତ ପୁର ବାସି ଜନ-
ଗଲା ପାଦପଦ୍ମେ ଧାଇ
ପଙ୍ଗୁ ହୋଇ ସିନ୍ଧୁ ଲଙ୍ଘି ବାକୁ ଏବେ
ମନ ବଳାଇଛି ମୁହିଁ ।୧।
ବାଣୀ ଗୁରୁ ମାଆ ଧର କର ପଦ
ସରସିଜେ ରଖି ଆସ୍ୟ
ଆରମ୍ଭୁ ପ୍ରାରମ୍ଭେ କର ଯୋଡ଼ି ମାଗେ
ନିର୍ମଳ ପଦ ବିନ୍ୟାସ ।୨।
ରସା ରସାତଳ ଆକାଶ ମଣ୍ଡଳ
ଧାରିଷ୍ଠର କର ଶୂନ୍ୟ
ବସେ ଜଳଧର ନୃପତି ଶେଖର
ହିନ୍ଦୁ ରାଜ ସିଂହାସନ ।୩।
ମାର ସୁନ୍ଦର ରେ ଅମରାବତୀରୁ
ବିପଣି ବୀଥିକା ହର୍ମ୍ୟ
ପୂରିଛି ହୃଦର ପୂର୍ଣ୍ଣାଙ୍ଗ ସଂପଦେ
ବସ୍ତୁ ଅଛି ତାରତମ୍ୟ ।

ଲଜ୍ଜିତ କରନ୍ତି ସୁଧର୍ମା ସଭାକୁ
ବାଞ୍ଛିତ ଦାନବ ସଭା
ପଦ୍ମା ପଦ୍ମ ଲଭ ତ୍ରିଦିବ ଦାନବ
ମାନବେ ଶକାଶି ପ୍ରଭା ।
ପୁଚ୍ଛେ ସଭା ମଧ୍ୟେ ନାରଦ ଉଦ୍ଦେଶ୍ୟେ
ସମ୍ରାଟ ବରୁଣ ସୁତ
କହ ଖୋଲି ମୁନି କିବା ଅଛି ଆଉ
ଦେବାକୁ ମୋ କରଗତ ।
ମନାସି ବକୁଣ୍ଠ ମୋ ପୁରେ ରହିଲେ
ନାରାୟଣ ନାରାୟଣୀ
ଅମର ବୈକୁଣ୍ଠ ମମ ବଇକୁଣ୍ଠ
ପୁର ଶୋଭା ବଳିଲଣି ।
ବଳିଲଣି ପୁଣି ଇନ୍ଦ୍ର ପ୍ରବେଶେ
ଅଟୁଟ ଆତ୍ମା ସମ୍ମାନ
ଏକ ଛତ୍ର ପତି ମୁନି ହେ ମୁଁ ଆଜି
ଅକଳନ ମୋର ସୈନ୍ୟ ।
ଧରା ଦିଗାନ୍ତରେ କନ୍ଦରେ କାନ୍ତାରେ
ଜନ ପଦେ ଆଜି ମୋର
ଅମ୍ଳାନ କିରଟି ଧବଳ ପତାକା
ଉଡୁଅଛି ଫର ଫର ।
କହ ଅଜି କେଉଁ ଜଗତେ କେ ଅଛି
ବଶଗତ ରାଷ୍ଟ୍ରପତି
ବରୁଣ ନନ୍ଦନ ଶ୍ରୀ ପଦପଙ୍କଜେ
ଶିର କରନାହିଁ ନତ ।
ଉତରନ୍ତି ମୁନି ହେ ରାଜାଧିରାଜ
କ୍ଷତ୍ରି କୁଳ ଚୂଡ଼ାମଣି

ମୂର୍ଖ ଆଜ ମୁହିଁ                ଶ୍ରୀ ଗୁମ୍ମୁ ପ୍ରଭୁଙ୍କ
ନେତ୍ରେ ଦେଖି କର୍ଣ୍ଣେ ଶୁଣି ।
କେତେ ରାଜ ସନ୍ତ                ଅଖଣ୍ଡ କରନ୍ତି
ଦେଖନ୍ତୁ ଏହୁ ନୟନ
ମାତ୍ର ନ ଦେଖିଲି                ଋଷିଙ୍କ କେ ଆଣି
ପୁରେ ଲକ୍ଷ୍ମୀ ନାରାୟଣ ।
ଦେଖିଛୁ ନୟନେ                କଂସ ମୁରାସୁର
ବଳି ଦଶାନନ ଆଦି
ଘେରି ନାହିଁ କେହୁ                ପୁରେ ରଖି ରମା
ନରଙ୍କୁସ ରାଜଗାଦି ।
ଦେଖି ନାହିଁ କେବେ                ସ୍ୱ ବାହୁ ବଳେକେ
ବଳାତ୍ତୁ ଆନ ସମ୍ରାଟ ।
ଶ୍ରୀ ଗୁମ୍ମୁଙ୍କ ପର                ବୁଦ୍ଧ ନାହିଁ କେହୁ
ତ୍ରି ଜଗତ ସନ୍ୟାଟ ।
ହର ଲୀଳା ମୋଠ                ମାଣିକେ ରଂଜିତ
ଶ୍ରୀ ଗୁମ୍ମୁଙ୍କ ଚଳପଥ
ବ୍ରହ୍ମା ସରଜନା                ବ୍ରହ୍ମାଣ୍ଡ ବଭବ
ରାଜପୁରେ ବହୁରତ ।
ମୁକ୍ତ କଣ୍ଠେ ଏହା                କରିବେ ସ୍ୱିକାର.
ଜଗତ ଜ୍ଞାନ ମେୟର
ଧନେ ଜନେ ମାନେ                ପରଜା ପାଳନେ
ଅଦ୍ୱିତୀୟ ଜଳନ୍ଧର ।
କିନ୍ତୁ ହେ ସ୍ୱଜନ                ଏ ଯଶ ବିଭବ
ବଇକୁଣ୍ଠ ଗନ୍ତା ଧର
ହେଲେକ ହୋଇବ                କ୍ଷଣକ ବହୁନେ
ସବୁ ଶୋଚ୍ଚି ଅସୁନ୍ଦର ।

ନୀଳ ତାରକାର
ବନ୍ଧନେ ଯେସନ
ଶୋଭାହୀନ ପୂର୍ଣ୍ଣ ଶଶି
ସରସିଜ ବନେ
ସରସିର ପ୍ରଭା
ଯେ ଭାବ ଥାଏ ପ୍ରକାଶି ।
ଦେବତା ବନ୍ଧନେ
ଅସୁନ୍ଦର ଯଥା
ଅଷ୍ଟରତ୍ନ ଶ୍ରୀ ମନ୍ଦିର
କଳାକାର ବନେ
ପ୍ରକୃତ ପିତୁଳା
ଯେସନେ ବିକୃତାକାର ।
ତଥା ହେ ସ୍ୱଜନ
ଗ୍ରାମ୍ୟଙ୍କ ହସ୍ତେ
ହେଲେ ହେଁ ମୁଁ ଆସ୍ୱାଦନ
ନ ଦେଖିଲି ପୂର୍ବେ
ମଦ କଲୁଷ
ମଦାଲସି ଚମ୍ପା ଢଙ୍ଗ ।
ଚଳ ଚପଳାଙ୍ଗି
ନିନ୍ଦିତ କୁରଙ୍ଗି
କନକ କନ୍ଦୁକ ସ୍ତନା
ବିହ୍ୱନେ ମାତର
ଗ୍ରାମ୍ୟ ଅନ୍ତପୁର
ସେ ସେ ବଡ ଭତ୍ସନା ।
କି ହୋଇବ ରୂପ
ସଂପଦ ପାଣ୍ଡିତ୍ୟ
ବାହୁବଳ ଉଚ୍ଚ ଜାତି
ସବୁ ଅସୁନ୍ଦର
ଅନ୍ତ ପୁରେ ସଦରେ
ନାହିଁ ଯେବେ କଳାବତୀ ।
ଇନ୍ଦ୍ର ବଇଭବେ
ମିଶି ଅଛୁ ବୋଲି
କାମିନୀ କାଞ୍ଚନ ଧନ
ତ୍ରି ଜଗତ ଲୋକେ
ଇନ୍ଦ୍ର ପଦପାଇଁ
ହୋଇ ଥାନ୍ତି ମୁହ୍ୟମାନ ।
ତନ ପୁର ସୁଖ
ସଂପଦ ସଂ ବୃଦ୍ଧି
କର ବାକୁ ହେଲେ ତୁଳ

ନେତା ହୋଇଥାନ୍ତି ଘୋଡ଼ ମୁହାଁ ସର
ଲୁସ୍ତୁମାଙ୍କି ବାମାକୁଳ ।
ବଶାଳ ବାଣଧ ବୀର ବରଜନ୍ତି
ଏକ ଦୋଷେ ଯଥା ଜନେ
କଥା ବରଜନ୍ତୁ ସୌନ୍ଦର୍ଯ୍ୟ ଏପ୍ରବୁ
ସ୍ୱୃରୁ ନନ୍ଦନ୍ତିନୀ ବନେ ।
ନାରଦ ବଚନେ ଜଳନ୍ଧର ବୀର
ପ୍ରକମ୍ପିତ କର ଆଶ୍ୟ
ସାବଧାନ ମୁନି- କୁମାର ବୋଲଣ
ମୁକ୍ତ କଲୁ ଅସି କୋଷ ।
ଦେବ ଋଷି ବୋଲି କ୍ଷମାଦେଲ୍ଲ ଆଜ
ଜଳନ୍ଧର ଦରବାର
ଆନ ହୋଇଥିଲେ ଦ୍ୱିଖଗ ହୁଅନ୍ତା
ଗଣ୍ଡି ମୁଣ୍ଡ ଆଙ୍କଡାର ।
ଯାହା ପୁରେ ଆସି ରମ୍ଭା ଉରବଶୀ
ମେନା ଚିତ୍ରା ତିଳୋତମା
ବିହରୁ ଅଛନ୍ତି ସ୍ୱଛନ୍ଦେ କହୁଛ
ନାହିଁ ତହିଁ ଦିବ୍ୟାଙ୍ଗନା
ଯେଉଁ ରାଜବାଟି ପ୍ରାଙ୍ଗଣେ ପଡ଼ୁଛୁ
ପଦ୍ମା ଶ୍ରୀ ପଦ ପଙ୍କଜ
କହୁଛ ସେପୁରେ ନାହାନ୍ତି ଶୋଭନା
ଘନଜଘନା ସମାନ ।
ଯେପୁର ଅଙ୍ଗନା ନିତ୍ୟ ନଇମିତ୍ୟ
ରଚନ୍ତି ଲଳିତ କଳା
ହେଲଣି ସେ ପୁର ରତି ରତି ପତି
ଚିରନ୍ତନ ପ୍ରେମଶାଳା ।

ଯାହା ଅରୁଣିମା ଅଙ୍ଗରାଗ ଦେଖି
ତରୁଣ ମିହିର କର
ପ୍ରଖର କାଳନ ଶିଶିର ବର୍ଷଣ
ଛଳେ ଧୁଏ ଶୀପସ୍ବର ।
ଯେ ବର ବରଣା ବର୍ଣ୍ଣ ଦେଖି ସୁନା
ଲାଜେ ହେଲା ପିଣ୍ଡିକୃତ
ପଟାନ୍ତର କାହିଁ ନପାଇ ଏକାନ୍ତେ
ବିଧାତା ଯାକୁ ସ୍ବୀକୃତ ।
ସେ ରମ୍ଭା ଉର୍ବଶୀ ସୁନ୍ଦରେ ଯେ ଧ୍ବଂସି
ରକ୍ତିମ ତଳପା ତଳେ
ସେଇ ବୃନ୍ଦାବତୀ ହରିଣାକ୍ଷୀ ତନ୍ବୀ
ବସେ ଆଜ ମୋର କୋଳେ ।
ଅସୁନ୍ଦର ଯେବେ ଦଣେ ତବ ନେତ୍ରେ
ମୋ ଅଙ୍କ ରତ୍ତ ପଙ୍କଜ
କୃହ କାହିଁ ଅଛି ମମ ଯୋଗ୍ୟବାମା
ମଧୁବନ ଫୁଲ ସେଜ ।
କୁହ କଏ ଅଛି ମମ ଅର୍ଦ୍ଧାଙ୍ଗିନୀ
କୃଶୋଦର ସମ ସର
ସହ ମୋ ସଙ୍ଗମ ଛଡ ମହାନଦୀ
କରିବାକୁ ମୋତେ ପାର ।
ଅଦେଶ ମାତ୍ରକେ ଆଣିବ ମୁନହେ
ସେ ଦେଶ ରାଜ ନନ୍ଦିନୀ
ଲାଜ ଲୋଳ ନେତ୍ରା ରତି ପଣ୍ଡିତା
ଅନଙ୍ଗ ଆୟୁଧ ତୂଣି ।
କହ କେଉଁ ଦେଶେ ପଡ଼ିଲଣି ଲଷ୍ଟ
ଅସ୍ତ ଗ୍ରହ କୁଠ ଲୀଳା

ରୂଷ୍ଟେ ନ ଦେଲେ ସେ    ମୁଷ୍ଟିମେୟ ରଣେ
ଜିଣି ଆଣିବ ଅବଳା ।
କହନ୍ତ ମୁନନ୍ଦ    ହେ ବାସଧ୍ୱ ବୀର
ପ୍ରତାପି ଅସୁର ରାଣ
ବ୍ରହ୍ମା ସର୍ଜନାରେ    ଏକଇ କାମିନୀ
ଅଛି ତୁମ୍ଭ ଯୋଗ୍ୟ ଜାଣ ।
ଯାହା ଯଉବନ    ତରଳ ତନମା
ଦର୍ଶନେ ହୁଏ ପ୍ରତୀତ
ଯାର ଜଳନ୍ଧର    ଶୃଙ୍ଗାର କେଶର
ପଦ୍ମ ରାଗ ସମୃଦ୍ଧକା ।
ବନିତା ବଜାରେ    ଗୋଟିଏ ସ୍ତବକ
ହୋଇବାରୁ ବମ୍ବାଧର
ସ୍ୱର୍ଗ ସନମତେ    ସମ୍ମେହେ ସ୍ୱୟମ୍ଭୂ
ତା ନାମ ରଖିଛୁ ଗୌରୀ ।
ଶଶି ହସି ଶଶି    ଶୋଭନା ହେବା
ନାଗରୀ ମୁକୁଟ ଭୂମା
ନ.ସ୍ୱ ପ୍ରଦର୍ଶନୀ    ମଧ୍ୟେ ବେଦପଥ
ବାଛୁ ନାମଦେଲୁ ଉମା ।
ଚପଳ ଛନ୍ଦାର    କି ଶୋଭା ବର୍ଣ୍ଣିବ
ଯା ରୂପା ବଚନାମୃତ
ଶୀତଳ ସମୀରେ    ଳି ତ୍ରିଭୁବନେ
କରେ ନବପଲ୍ଲବିତ ।
ଜବାଧରୀ ଧରୀ    ଧରନ୍ତି ମଣ୍ଡନା
ଧମ୍ମିଲ ପରଧ୍ୱବ୍ୟାସ
ତୁଳନାରେ ହେବ    ତୁଳାଏ ସିନାସେ
ଅନନ୍ତ ନୀଳମାକାଶ ।

ଯୁବା ଜନ ମାନ
ସମୁଦ୍ର ମନ୍ଥନ
ଗଠନ ସଙ୍ଗକୁ କାନ୍ତ
ରସବନ୍ତ ରସ
କୋଷରୁ କୁସୁମ
ଅହରହ ବରଷନ୍ତ ।
ଆକର୍ଣ୍ଣ ବିସ୍ତୃତ
ନବ ନଳୋତ୍ପଳ
ସୁନ୍ଦର ବେନି ନୟନ
କୋମଳ ଭ୍ରୂଯୁଗ
ପଞ୍ଚ ଶବରବା
କଙ୍କ ପତ୍ର ଅସ୍ତ୍ରୋଧନ ।
ବଳାହକୁ ବଳି
ଚକ୍‌କଣ କଳାରେ
ସରୁ ସରୁ ଭୁରୁ ବେନି
ସୁନ୍ଦର ଗଣ୍ଡକୁ
ପଥ ଦେଖାଇଛୁ
ଢର ଚନ୍ଦ୍ର ଆଙ୍କି ଧନ ।
ଉଦ ଛଦେ ବାଦ
ରଚିଲବୁ ସିନା
ସୁନ୍ଦର ଦାଡ଼ିମ୍ବ ବୀଜ
ବଲ୍‌କଲ କାସ୍ୱରେ
ଚରଣନ ବନ୍ଧ
ଦଳି ତାକୁ ପଦ୍ମାମ୍ବୁଜ ।
ରଙ୍ଗରେ ଚବୁକ
ଚିଙ୍ଗକୁ ଇଛନ୍ତେ
ଲାଲ ଗୁଲାଲ ଅବିର
ଛେଚ କୁଟି ତାକୁ
ଗୁଣ୍ଡ କଲ୍ ସିନା
ଲଲନା ନୟନ ଠାର ।
ଆହା କି ସୁନ୍ଦର
ବଳାଲ ପସ୍ୱେ
ଲମ୍ବିଛି ବାହୁ ଯୁଗଳ
ଉଚ୍ଚ ପରବତ
କୁଚ ବନ୍ଧୁଛି କି
ତରଳ ସୁବର୍ଣ୍ଣ ଧାର ।
ସ୍ତନ ସ୍ତନାଗ୍ରର
ଶେଖର ଶେଖର
ପୁଂସ ସବ ପ୍ରକଟିଲ

ଅନୁକୂଳ ଯୌନ ଅନୁଷ୍ଠାନର ବା
ପୂର୍ଣ୍ଣକୁମ୍ଭ ନାରିକେଳ ।
ଉନ୍ନତ ଉରଜ ଉଡ଼ିବାପ୍ରଣାଳି
ଦର୍ଶନେ ଆପଇ ହୃଦ
ବର୍ତ୍ତୁଳ ପ୍ରାଚୀର କାଚ ଗାଟଦେଇ
ପଡ଼ିଛି ବନ୍ଦ ପାରଦ ।
ଅବା ପ୍ରସ୍ଫୁଟିତ ଜଳାମ୍ବୁଜ ଦରେ
ଚହ୍ଲଙ୍କଇ ରଜ କୋଷ
ଅଷ୍ଟ ନିଧି ବଣା ଠଣାରେ ଅଛନ୍ତି
ଛଣା ଉଡପଣା ରସ
ଉଡ଼ି ବାନ୍ଧିଲେହେଁ ଦଶଇ ଯା ସ୍ୱଚ୍ଛେ
କାଞ୍ଚନ କଞ୍ଚୁକ ଫୁଟି
ସତି ମରୁଥିବା ଜରଦ୍ଗର ଜ୍ୱବା
ମୃତ୍ୟୁ ସଂଜୀବନୀ ବୁଟି ।
ସବୁ ଅଣ୍ଟା ସର ନ ହେଉ୍ କେଶରୀ
ବିସ୍ୱର ବଂଶ ପୌରୁଷ
ତରୁଣୀ ତିଳକ ସନ୍ନିଧେ ସର୍ବଦା
ରହିଲ ହୋଇଣ ଦାସ ।
ବାଳ ସୂର୍ଯ୍ୟ ବଳ ଶୋଭା ଯାଏବାଳ
ଉପର ରଙ୍ଗିମା ଜ୍ୟୋତି
ଉବୁ ସଂଧି ସୂତ ସଂହ ଦରଙ୍ଗାର
କିଅବା କୁସୁମ ଛଟ
ଆଶ୍ଚର୍ଯ୍ୟ ଲଗଇ ଚରଣ ନଳିନ
ନାଳରେ ବନ୍ଧ୍ୟ ମନ୍ଦର
ପର୍ବ୍ବ ଯୁଗଳ ନିତମ୍ବ ନପଡ଼ି
ରହିଛି ହୋଇଣ ସ୍ଥିର ।

ପ୍ରମଦା ପାଦର          ରକତ ରଂଜିତ
ତରଳ ଅଳତା ବେଶ
ଶୋଭା ଗନ୍ଧା ଘଟେ          ଦେଇଛୁ କ ମାର
ଫଗୁଣର ଫୁଲ ବାଡ଼ ।
ନିମିଷକେ ଅରେ          ପ୍ରତି ମୁହୂର୍ତ୍ତରେ
ତ୍ରିପୁଟେର ପଡ଼େମୋ ଆଖି
ସାର-ସାର ନାରୀ          ରତନରୁ ସାର
ଦେଖିଛୁ ତ ସାର ସାକ୍ଷି ।
କିନ୍ତୁ ବାସ୍ତ୍ରପଥ          କାହିଁ ନ ଦେଖିଲୁ
ଏକତ୍ରେ ଲଭିଛୁ କାହି
ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟ          ଗଠନ ତରିଛୁ
ବଡ଼ ଫଳ ଝରେ ତାହି ।
ନବ ନିତାଙ୍ଗି          ଲଳିତ ଶୋଭାଙ୍ଗି
ଅମ୍ବୁଜ ଚରଣ ବେନ
ନ ପଡ଼ିବା ଯାଏ          ଶ୍ମଶାନ ସିନାଏ
ଜଳନ୍ଧର ଘର ଧାମି ।
ବସିବ ଯେବନ          ସ୍ୱର୍ଣ୍ଣ ମଧ୍ୟେ ଧଣ
ଲାବଣ୍ୟ ପ୍ରତି ବୃତ୍ତିତ
ବୁଝିବ ସେଦିନ          ମୋ କଥାର ସତ୍ୟା
ସତ୍ୟ ଆହେ ବାସ୍ତ୍ରପଥ ।
ବୈରୀ ବିମର୍ଦ୍ଦନ          ଜଳନ୍ଧର କୋଳ
କରିବାକୁ ଅଲଙ୍କୃତ
ନଗାଧି ତନୟା          ପିନ ପୟୋଧରା
ଏକଇ ମାତ୍ର ଯୋଷିତ ।
ନବ ନାଗରୀର          ନବତାଲିଙ୍ଗନ
ସହାଯ୍ୟ କରିବା ପାଇଁ

ତଟେ ଆସେ ଏକା ଗଢ଼ିଛୁ ସ୍ୱୟମ୍ଭୂ
ଶୁମ୍ଭଙ୍କୁ ଅସୁର ପାଇଁ ।
ଏ ଅସ୍ତ୍ର ଐଶୋର୍ଯ୍ୟ ଶୌର୍ଯ୍ୟ ବରଧନ
କଢ଼ିବାକୁ ରାଷ୍ଟ୍ରପତି
ସର୍ଜନ ଏକା ସେ ଭୁବନ ମୋହନ
ଖେଳା କୋଳ ଭଗବତୀ ।
ଜଗତେ ବନ୍ଦିତ ସୁଧିର ସଂପଦେ
ପ୍ରାପ୍ୟ ରାଜ୍ୟ ରାଜାଙ୍କର
ତରୁଣୀ କୁଳର ଶିଶୁ ଅରୁଣକୁ
ଖେଳୁଅଛୁ ଯୋଗି ଘୁର ।
ପିଇ ଯାଉଥିଲା ଅମୃତ ରଜନ
ମୁନନ୍ତ୍ର ସମାଲୋଚନା
ଯେତକ ଶୁଣିଲ ତେତକ ଜଡ଼ତା
ଭେଟେ ହେଲ ଆନମନା ।
କୁସୁମ କୋଦଣ୍ଡ ମଦ ମତ୍ତ କାଣ୍ଡ
ଭେଦି ଗଲ ହୃଦ ପଟେ
ନାସିକା ନଳରୁ ତପତ ନିଶ୍ୱାସ
ବହିଲ ଖାଲି ଉଷୁଟେ ।
ଚିନ୍ତୁ ହୃଦ ଗତେ ରୁଦ୍ରାଣୀ ମୂରତି
ଝାଙ୍କୋଳିଲ ରୂପମୂଳ
ବୀର ଦର୍ପେ ଖଣ୍ଡ ହେଲ ସଂଧି ସ୍ଥଳେ
ମଦନ କେତନ ନଳ ।
ପୀଠ ପ୍ରତିମାର ପାଦଠୁ ଚକୁର
ନାଚନ୍ତେ ନୟନାଗ୍ରତ
କେଳି କାମ କଳା ଲୀଳାଇତ ସ୍ଥଳ
ହୋଇଗଲ ଉଦ୍‌ବେଳିତ ।

ସିନ୍ଧୁ ମୁଖ ସିନ୍ଧୁଁ        ବୋଲଇ ଦଇତ
ଶୁଣ ଆରେ ବାର୍ତ୍ତାବହ
ସତ୍ୱର ଯାଇ ତୁ        ଏ ମୋର ବାରତା
କପିଳାଶ ପୁରେ କହ ।
ତେଜ ବଇକୁଣ୍ଠ        ସଙ୍ଗେ ଧରି ରମା
ଯାପୁରେ ରହନ୍ତି ହରି
ନାକ ନାଗ ନର        ଲୋକ ଯୋଦ୍ଧା ବୃନ୍ଦ
ଯାନାମ ଶ୍ରବଣେ ଡରି ।
ଛତ୍ର ପ୍ରତିପନ୍ନ        କରିଛୁ ବିଲୋପ
ଯେ ସ୍ୱୀୟ ଉପନିବେଶ
ସମର ପ୍ରଣାଳି        ଦେଖିଯାର ଦୂରୁ
ବୀରେ ହୁଅନ୍ତି ହତାଶ ।
ପ୍ରଶଂସା କରନ୍ତି        ତ୍ରିଭୁବନ ଚେଷ୍ଟେ
ଯା ଶାସନ ସଂବିଧାନେ
ଲକ୍ଷ୍ମୀ ପତି ଠାରୁ        ଭୂଷିତ ହୋଇଛୁ
ଯେ ବୀର ବୀର ସମ୍ମାନେ ।
ସୁ ଶିକ୍ଷିତ ସୈନ୍ୟ        ସାମନ୍ତ ଯାହାର
ଅକଳନ ଗଜବାଜି
ଯା ସମର ସଜ୍ଜା        ଦର୍ଶନ ମାତ୍ରକେ
ଶତ୍ରୁ ସୈନ୍ୟ ଯାଏ ଭଜି ।
ଯାହା ଶୌର୍ଯ୍ୟ ବୀର୍ଯ୍ୟ        ଦମ୍ଭେ ବଶ ହୋଇ
ତ୍ରିଦିବ କୁଳ ଅଙ୍ଗନା
ପ୍ରତିଦିନ ପ୍ରାତେ        ରଜନୀ ମୁଖରେ
କରନ୍ତି ଆସି ବନ୍ଦନା ।
ସେହି ଜଳନ୍ଧର        ବରୁଣ କୁମର
ଅଦ୍ୱିତୀୟ ରଣଯୁକ୍ତ

ଦେଇଛୁ ଆଦେଶ କାଲି ସଭାମଧ୍ୟେ
ହେବାପାଇଁ ଉପଗତ ।
ଭିକ୍ଷାସି ସେ ତାଠୁ କି ଆଶା ରଖିବ
ରାଜ ଯୋଗ୍ୟ ଉପହାର
କହିବୁ ଉମାକୁ କାଲଠାରୁ ଆଣି
ଛାଡ଼ି ଯାଉ ମୋର ପୁର ।
ଏ ମୋ ବଳ ବୀର୍ଯ୍ୟ ବଇଭବ ଦେଖୁ
ମତ ଦେଇଛୁ ଜନତା
ମୁଁ ହେବ ସମ୍ରାଟ ସାମ୍ରାଜ୍ଞୀ ହେବସେ
ନାଗରୀ ଲବଙ୍ଗ ଲତା ।
ମଦାଳସି ପକ୍ଷେ ଶୋଭାପାଏ ସିନା
ବୀର୍ଯ୍ୟବନ୍ତ ଅଙ୍ଗ ସଙ୍ଗ
ଲାବଣ୍ୟ ଶ୍ରୀଖଣ୍ଡ ବାସିନକୁ କମା
ରଖିଛୁ କାଳ ଭୁଜଙ୍ଗ ।
କଳା ବଢ଼ କୁଚ କଳଶ ପରିଧି
ଦଳିବାକୁ ମନ ଜାଣି
ଗଢ଼ିଛୁ ବିଧାତା ତ୍ରିପୁର ଯାକରେ
ବୀର ଜଳନ୍ଧର ପାଣି ।
କହିବୁ ତାହାକୁ ଥାଉ ଜଳନ୍ଧର
ସୁ ଶାସକ ଦରବାର
ସ୍ୱପ୍ନ ବ୍ରତ ହେବ ଯୋଗି ହୋଇ ଭେଗି
ଲାଳସା ଜନ୍ମିବା ତାର ।
ନବ ନତାଙ୍ଗିକୁ କାଲି ସଭାମଧ୍ୟେ
ନଦେଲେ ସେ ରାଜଭେଟି
ନିର୍ମୂଳ କରିବ ଜଳନ୍ଧର ବୀର
ତ୍ରିପୁରୁ ନାମ ଧୂର୍ଜଟି ।

ଆଦେଶ ଅମାନ୍ୟେ ଶିବପୁର କାଲି
କରିବ ସମୂଳେ ଧ୍ୱଂସ
କୋଳେ ଧର ରମା— ରତନ ଯତନେ
ଫେରିବଇଁ ସିନ୍ଧୁ ଦେଶ ।
ଯାଅ ବାନ୍ଧବୀ ବନ୍ଧୁ ଯାଅହେ ମୁନିନ୍ଦ୍
ଯାଅ ସଭା ସଦଗଣ
ରମା ନ ଆସିଲେ ନ ବସିବ ସଭା
ଜଳନ୍ଧର ର ଏ ପଣ ।

## ୬ଷ୍ଠ ସର୍ଗ

ରାଣଦଅା ନଅା ପରେ ପ୍ରଭ ଶୁଚ
କୁମୁଦିନ ପ୍ରତ ଦେଇ
ମନ୍ଦରେ ପଶିଲେ କୁମୁଦ ବାନ୍ଧବ
ଗଗନ କବାଟ ଫେଇ ।
କାକ ଡାକେ ପିକ ପ୍ରତଧ୍ୱନ ଦେଲା
କୁମ୍ଭାଟୁଆ ତାମ୍ରଚୂଡ଼େ
ଉଷା ଆଗମନ ବୋଧନ ସଙ୍ଗୀତ
ଗାଇଲେ ପକ୍ଷିଏ କଡେ ।
ରଙ୍କ ପଙ୍କଜନ ଅବଗୁଣ୍ଠ ନର
ମହଲେ ଖେଳାଇ ବ୍ରୀଡା
ସ୍ୱର୍ଗ ଓଳ ତଳେ ନାଲି ଟହ ଟହ
ସୁରୁଜ ରଚଲେ କ୍ରୀଡା ।
ଛନ୍ଦହର ମନ୍ଦ ଶିତଳ ସମିର
ଲତକାକୁ ଟାଣି ଟାଣି
ଶୁଣାଇଲ ପୁନଃ ପୁନଃ ତରୁକର୍ଣ୍ଣେ
ମଧୁର ମିଳନ ବାଣୀ ।

ପୂତ ଦ୍ୱିଜ ମୁଖୁ ଉଦ୍ଗୀଣ ହୋଇଣ
ମଙ୍ଗଳ ପ୍ରୀତ ସଙ୍ଗୀତ
ଦ୍ୱିଗୁଣ କରିଲା ଅମଳ ବମଳ
ସକାଳକୁ ସୁରଭିତ ।
ନମେ ଗଜଜଣ ରୂକ୍ଷ ରୌଦ୍ର ତାପ
ତପ୍ତ ସ୍ୱର୍ଣ୍ଣ ଆଭରଣେ
ଧରଣୀ ଉରସୁ ମେଘ ମଣ୍ଡଳକୁ
ଟାଣିଲ କଜ୍ଜଳ କଣେ ।
ଦର୍ପେ ଗରଜଇ ପ୍ରତାପି ଗଜେନ୍ଦ୍ର
ଜଳନ୍ଧର ମହାବୀର
ଏ ମୋର ଆଦେଶ କଲ ପ୍ରତ୍ୟାହାର
ଲଙ୍ଘିଲ ସନ୍ୟାସି ଶୁର
ସାଜ ସାଜ ମୋର ସଇନ ସାମନ୍ତ
ଯେତେ ଶୀଘ୍ର ପାରେ ଯାଇ
ତାଡ଼ି କପିଳାଶ ସଲିଳ ସମାଧି
ସ୍ୱହସ୍ତେ କରବ ମୁହିଁ ।
ପ୍ରତଜ୍ଞା ଏ ମୋର କାଲି ପ୍ରାତରବି
ନମାଡୁ ପଶ୍ଚିମ ସିମା
ମଜ୍ଜି ସଦାଶିବ ସାଗର ଆଣିବ
ଦ୍ୟୁତ ଲକ୍ଷ୍ମି ଜଗ ଜେମା ।
ଭଗିନୀ ଯାହାର : କ୍ଷିରାବ୍ଧି ତନୟା
ଇଚ୍ଛୋଇ ଯା ଭଗବାନ
ହଡା ଚଢା ଯୋଗି ହୁଏତା ବଇର
ଆଜି ଶୁଣିଲ ଏ କାନ ।
ଉଠ ଆରେ ସୁପ୍ତ ନିସୁମ୍ଭ ଉଚରେ
ଅଜସ୍ର ମୋ ସନ୍ୟବଳ

ଆଜ୍ଞା କପିଲାଣ ସିମା ରେଖା ଠାରେ
ସ୍ଥାପିବା ଆମ୍ଭ ଶିବର ।
ରକ୍ତ ରଶ୍ମି ରଥ ନ ମଣ୍ଡୁଣୁ କାଲ
ପୁରୁବ ଆକାଶ ଘାଟ
ଗୁଳ ଗୋଳା ତୋପେ ଶ୍ରାହ୍ମନ କରକା
ରୁଦ୍ର ପୁର ବାଟ ଖୋଟ ।
କ୍ରୋଧେ ବୋଲ ଏତେ ସନ୍ୟ ବଳ ଧରି
ଅସୁର କୁଳ ଘଯନ
ଗଗନ ପବନ ମୁଖରତ କରି
ଦର୍ପେ ଗୃଳାଲ ସଇନ ।
ଥରେ ଥରେ ଠେଲି ସ୍ୱ ଅବ-ଗୁଣ୍ଠନ
ଲଜ୍ୟାବନ୍ତୀ ସନ୍ଧ୍ୟା ରାଣୀ
ପର୍ବତ ବନ୍ତରୁ ଚାଲୁଥିଲା କାଲ
ମନ୍ଦ ଅଳସ ଗୃହାଣୀ ।
ସଜ ବାଜ ହୋଇ ତେଣେ ନଶି ନାଥ
ତାରକିତ ସନ୍ଧ୍ୟା ମେଳେ
ପ୍ରଫୁଲ୍ଲ ବଦନେ ହେଲେ ଉପଗତ
ଶରଦ ଶରଗ ତଳେ ।
ପ୍ରାଣ ବାନ୍ଧବୀର ପିନ୍ଧା ପଦ୍ମରଶୀ
କୃଷ୍ଣ ବାସ ରନ୍ଧ୍ରେ ରନ୍ଧ୍ରେ
ଚଳାଇଲେ କର ଛଳରେ ହିମଂଶୁ
ଶୀତଳ ସିକର ମନ୍ଦେ ।
ସର୍ମସ୍ତ୍ରୀ ନୁ କମେ ହୋଇଣ ବର୍ଦ୍ଧୀତ
ସୁନ୍ଦର ରଜନୀ ରାଣି
ମିଶି ଇନ୍ଦୁ କରେ ଦେଖା ଗଲା ଯଥା
ଛିଦ୍ରେ ଦେ କାଲନ୍ଦୀ ପାଣି ।

ନ ପାହୁଣୁ ନିଶି    ନଗ୍ରୁ ବାହୁଣ
ନଫିଟୁ ଉଷା ମହୁତ
ଆତଙ୍କ ପଡ଼ିଲା    ଯୁଦ୍ଧ ବାଦ୍ୟ ନାଦେ
ଅଦ୍ୟ କପିଳାଶ ଗଡ ।
ସବନସୈନ୍ୟେ ଆସି    କୁମାର ପାରୁସେ
କହେ ସିମା ରକ୍ଷି ଚର
ଘୁମୁ ପ୍ରାତ କାଳୁ    ଗଡ ଚୁର ପାଶେ
ପଡ଼ିଲା ଶତ୍ରୁ ଶିବର ।
ଅମ୍ବୁଜ ବାସିନ    କମ୍ବୁ ପାଣିଙ୍କର
ସ୍ନେହ ପାଳିତା ଦାନବ
ଭୁବନ ବିଜୟୀ    ବୀର ଜଳନ୍ଧର
ଦେଇ ରେରେକାର ରବ ।
ନଗର ପାଟଣା    ଘୁର ଖାର କଣ
ଗଡମୁଖେ ଆସେ ମାଡ଼ି
ପ୍ରାଣ ବିକଳରେ    ପରଜା ମଣ୍ଡଳ
ଯାନ୍ତି ଘର ଦ୍ୱାର ଛାଡ଼ି ।
ଆଗୁ ନଜଣାଇ    ଶତ୍ରୁତା ସାଧିଲା
ଯେଣୁ ସେ ଅସୁର ପାଇଁ
ତେଣୁ ଅସମର୍ଥ    ଆତ୍ମ ସୈନ୍ୟବଳ
ସମୁଖିନ ହେବାପାଇଁ ।
ଶୁଣି ଦୂତ ମୁଖୁ    ଅମଙ୍ଗଳ ବାର୍ତ୍ତା
ତକ୍ଷଣେ ଗୌଶ ନନ୍ଦନ
ପିତାଙ୍କ ପାରୁଶେ    ସମସ୍ତ ବୃତ୍ତାନ୍ତ
କରିଲେ ଯାଇ ବଖାନ ।
ପିତଃ ଶତ୍ରୁପକ୍ଷ    ନଦେଇ ଆହ୍ୱାନ
ଗଡେ ପଶେ ଯେଣୁ ଦମ୍ଭେ

ଏଣୁ ନଗ୍ର ପନ୍ତ୍ରୀ      ପରିଷଦେ ବିଷ୍ଣୁ
ପାଶେ ନିବେଦଣ ଆମ୍ଭେ ।
ରାଜ୍ୟ ରକ୍ଷା ପାଇଁ      ଶଇନ ସାମନ୍ତ
ଅସ୍ତ୍ର ସସ୍ତ୍ର ଆଦିଯେତେ
ଯାହାଙ୍କି ଆଣିଣ      ବଇର ସାଧିବା
ଆଜ୍ଞା ହେଉ ଗୁମୁ ମତେ ।
ହସି ନିପୁରାର      କହନ୍ତି ରେ ବସ୍ତ୍ର
କି ଲାଭ ସେବିଷ୍ଣୁ ପାଶେ
ନଗ୍ର-ପନ୍ତ୍ରୀ ରକ୍ଷା      ଆଇନ ତାହାର
ଗୃଲେ ଜଳନ୍ଧର ବଶେ ।
ପାଜି ଦଇତର      ମଧୁର ବଚନ
ବନ୍ଧୁତ୍ୱେ ହୋଇଣ ରାଜି
ଧର୍ମ କର୍ମ ଭୁଲି      ରକ୍ଷକ ହୋଇସେ
ଭକ୍ଷକ ସାଜିଛି ଆଜି ।
ରାହୁ ଦ୍ୱାରା ମୋତେ      ଜଣାଇ ଦଇତ
ସୁଦୀର୍ଘ ଚଉଦ ଘଣ୍ଟା
ଶାନ୍ତି ପୂର୍ଣ୍ଣ ଭାବେ      ଅପେକ୍ଷା କରିଣ
ଯୁଦ୍ଧକୁ ଭଡ଼ିଲା ଅଣ୍ଟା ।
ଏଣୁ ଏ ନେବତା      ବିଦ୍ରୋହ ତାଲିକା
ନଗ୍ରପନ୍ତ୍ରୀ ପରିଷଦ
ବଳ ଥିଲେ ଦେହେ      ମାତୃ ଭୂମି ପାଇଁ
ହୁଅରେ ସର୍ବେ ଉଦ୍‌ବୁଦ୍ଧ ।
କି କହିବି ମୁହିଁ      ବହୁଛି ମୋଦେହେ
ନିବିଡ଼ ରକତ ସ୍ରୋତ
ଉନ୍ମାଦ ରାକ୍ଷସ      ଦୂତ ହସ୍ତ ପତ
ଲେଖନର ସାର ସୂତ୍ର ।

ସେ ପ୍ରେରତ ପଦେ     ମାଗିଥିଲା ମୋତେ
    କୃତଘ୍ନ ରାକ୍ଷସ ପ୍ରାଣୀ
କପିଳାଶ ପୁର     ସୁରେନ୍ଦ୍ର ଲଲାମ
    ନଗେନ୍ଦ୍ର ରାଜ ଦୁଲଣୀ ।
ହବିଃ ଭକ୍ଷିବାକୁ     ଚଳାଇଛୁ ଚିତ
    କୁକ୍କୁର ଦୁର୍ମତି ହୀନ
ରଣ ଯଜ୍ଞେ ଆଜି     ଗଣ୍ଡି ମୁଣ୍ଡ ତାର
    ଆହୁତି ଦେବା ବିଧାନ ।
ଜାଗରେ ଜାଗରେ     ଭୌତିକ ଦେଶର
    ବୀର ନାଗରିକ ଦଳ
ଶୁଣ ଦୂରୁ ଶୁଭେ     ଜନମ ଭୂମିର
    ବିକଳ ବିଳାପ ରୋଳ ।
ମର ମାର ଦୁଇ     କଥାରୁ ଏକକୁ
    ଆଶ୍ରୟ ଦେଇରେ ମନେ
ସ୍ୱ ମାତୃ ଭୂମିର     ଇଙ୍ଗିତ ଚକ୍ଷଣେ
    ଡେଇଁ ପଡ଼ ରଣାଙ୍ଗନେ ।
ନାଚରେ ପିଶାଚ     ପିଶାଚିନୀ ଆଜି
    ଡମ୍ବୁରୁର ତାଳେ ତାଳେ
ଉଠିଲେ ଡାକିନୀ     ନାଦ ରଣବାଦ୍ୟ
    ଝଡ଼ ଝଡ଼ ହାଡ଼ ମାଳେ ।
ନେଇ ଗନ୍ତା ଘରୁ     ନରମୁଣ୍ଡ ଥାଳ
    ଖୋଲ ଲଜ୍ୟା ଆଭରଣ
ବଇରି ରକତ     ଚାଁ-ଚାଁ କରି
    ପିଅଲେ ପେତନୀ ଗଣ ।
ପ୍ରତି କୋଣେ କୋଣେ     ଶ୍ମଶାନେ ଶ୍ମଶାନେ
    ପ୍ରେତ ଯୋନି ପୁରେ ରଗିଣ

ପଠାଅ ଖବର ପୂଷ୍ଟାଙ୍ଗ କଟକୁ
ଆସି ତାଙ୍କ ଜଠରାଗ୍ନି
ଏତେ ବୋଲି ଦେବ ଉଠାଇ ତ୍ରିଶୂଲ
ଆରକ୍ତ କରି ଲୋଚନ
ହୁଁଙ୍କାର ଶବଦେ ଧାଇଁଲେ ଆବେଗେ
ରଣ ଭୂମି ସନ୍ନିଧାନ ।
ଡିବ୍ଭ ଡିବ ଡିବ ଡମ୍ବରୁ ଶବଦେ
କପିଳାସ ପ୍ରଜା ପୁଞ୍ଜ
ଧାଇଁଲେ ଯେ ଯାହା ମାରଣାସ୍ତ୍ର ଧରି
ଦୁର୍ଦ୍ଦାନ୍ତ ସୈନ୍ୟ ସମାଜ ।
ଅହୋଃ କି ବିବସ୍ତ୍ର ବିକଟାଳ ଦୃଶ୍ୟ
ଲାଗି ଗଲା ଦୁଇ ଦଳେ
କେଶରୀକୁ କିବା କେଶରୀ ଭେଟିଲା
ଗିରି ଗୁହା ଅନ୍ତରାଳେ ।
କିବା ଶିବ ପୁରି ସମ୍ମାନ ରକ୍ଷଣେ
ଯନ୍ତ୍ରୁ ପଥ ଦରବାର
ମୁକ୍ତ କଲା ଆଜି ଗୃହି ଯୁଗ ଯାକ
ରୁଦ୍ଧ ପ୍ରେତ ଯୋନି ଦ୍ୱାର ।
ମୂହୁର୍ତ୍ତିକ ମଧ୍ୟେ ସିନ୍ଧୁ ଗର୍ଜନରୁ
ବଳି ଗଲା କୋଳାହଳ
ନିର୍ଗତ ହୋଇଲା ଅସ୍ତ୍ରେ ଅସ୍ତ୍ର ବାଜି
ଦୁର୍ନିବାର ଦାବାନଳ ।
ତାକି କାଲ କେତୁ ଅସୁର ରାଜନ
ଗୁପତେ କହେ ତା କାନେ
ଯଭିଲ ହୋଇଣ ଭଗ୍ନି ପ୍ରଥ ପ୍ରାଣୁ
ଅସୁଛୁ ମୁଁ ଏହି କ୍ଷଣେ ।

ସମର ବ୍ୟାପାରେ     ବଡ ମୂଲ୍ୟବାନ
ତା କୂଟ ନୈତିକ ବୁଧି
ପରା ମର୍ଶ ନେଇ     ଫେରିବା ଯାଏ ମୁଁ
ସମ୍ଭାଳ ରଣ ବାରିଧି ।
ଏତେ ବୋଲି ତହୁଁ     ହୋଇଲା ଅନ୍ତର
ପାପ ମତି ଜଳନ୍ଧର ।
ଧରି ତ୍ରିପୁରାରି     ରୂପ ପ୍ରବେଶିଲା
ଦ୍ରାକ୍ଷାୟଣୀ ଅନ୍ତପୁର ।
ଶିରେ ଜଟା ଯୁଟ     ବିଭୂତି ପ୍ରଲେପ
ତ୍ରିଶୂଳ ଡମ୍ବରୁ କରେ
ବୃଷଭ ବାହନେ     ମାୟାବୀ ଦଇତ
ମିଳିଲା ଦେବୀ ସମ୍ମୁଖରେ ।
ସମୟ ମଧ୍ୟାହ୍ନ     ସ୍ନାନ କୃତ୍ୟେ ରତ
ପର୍ବତ ରାଜ ନନ୍ଦନ
ମୁହୂର୍ତ୍ତିକ ଆଗୁ     ଶ୍ରୀ ଅଙ୍ଗୁ ଅମ୍ବର
ଖୋଲି ଅଛନ୍ତି ସଜନ ।
ଚକିତେ ଚମକି     ଡମ୍ବରୁ ଶବଦେ
ପ୍ରିୟ ସହଚରି ଗଣ
ତର ତରେ ତହୁଁ     ସ୍ଥାନାନ୍ତର ହେଲେ
କହିଣ ଭଙ୍ଗି ବଚନ ।
ହେଇ ଆସିଗଲେ     ପରାଣ ଦେବତା
ସଜ ହୁଅ ଯୋଷା ବର
ବୋଲିଣ କାଞ୍ଚନ     ମାଳା ହସ ମୁଖେ
ହୋଇଲା ତହୁଁ ଅନ୍ତର ।
ଅତି ତର ତରେ     କାତରେ ଛଇଲା
ଦୁକୂଳ ତୋଳିଣ ହସ୍ତ

ଶ୍ରୀ ଅଙ୍ଗ ଭରଣ ରଚନା ପୂର୍ବରୁ
ମାୟା ଦର୍ଭ୍ୟ ଉପଗତ ।
ମଧୁ ମାଦକରେ ଅଙ୍ଗ ଗ୍ରାଗ ଭର
ଅବନତ କରି ଶିର
ପଙ୍କଜ ପଲାଶ ଲୋଚନକୁ ବନ୍ଦେ
ଦୋହଲାଇ ବାରମ୍ବାର ।
ଲାଜେ ଉଭା ହେଲେ ଲାବଣ୍ୟ ପ୍ରତିମା
ପାଇ ସ୍ୱାମୀ ଦରଶନ
ଥୂଳକତେ ରହିଲା ପାପମତି ଦୂରେ
ଦେଖି ସତୀ ଯଉବନ ।
ଶୋଭା ସଦମାର ଉଭା ଶୋଭା ଗୃହେ
ଲୋଲୁପ ଦାନବ ନେତ୍ର
ଦେବୀ କି ମାନବୀ ଚନ୍ଦ୍ର କି ବଚନ୍ଦ୍ର
ନ ପାଇଲା ଗତି ଗୋତ୍ର ।
ଭାଳିଲା ମାନସେ ବରୁଣ ନନ୍ଦନ
ଧନ୍ୟରେ ବିଧାତା ସୁତ
ଦେଖାଇ ଏ ବାଳା ଅସୁର ଜନମୁ
କଲୁ ସିନା ମୋତେ ମୁକ୍ତ ।
ଦିଗ୍ ବିଜୟୀ ବେଳେ ବୁଲିଛୁ ମୋ ରଥ
ବାରମ୍ବାର ତ୍ରିଭୁବନ
କେତେ ରସ ନଧି ସୁଗନ୍ଧ ସୁମନ
କରିଛୁ ନେତ୍ର ଦର୍ଶନ ।
ଦେଖିଛୁ ସରଗେ ଦେଖିଛୁ ପାତାଳେ
ଦେବ ବାଳା ନାଗ ବାଳା
କୁନ୍ଦନାଙ୍ଗୀ କୁନ୍ଦା ପାଦ ଅଙ୍ଗୁଳିର
ନଖାଗ୍ରେ ନ ହେବେ ତୁଲା ।

ଦେଖି ଅଛୁ କେତେ ରତ୍ନ ବର୍ମିଦାମା
ମଣ୍ଡିୟ ମଦାଲସି ମୁଖ
କାହିଁ ଦେଖି ନାହିଁ ସମ୍ପୂର୍ଣ୍ଣ ପୂର୍ଣ୍ଣିମା
ପୂର୍ଣ୍ଣ ଷୋଳ କଳା ମୁଖ ।
ଦେଖିଛୁ ନୟନେ ଆର୍ଜେଣ୍ଟିନା ନାରୀ
ବେଲଜିୟମ ଆଲଯେରିଆ
ବ୍ରାଜିଲ୍ ବ୍ରିଟିଶ ଆଲବେନିଆ ବାଳା
ଡେନ୍‌ମାର୍କ ବୁଲଗେରିଆ ।
ଦେଖି ଅଛୁ ପୁଣି ସେ ଅଷ୍ଟ୍ରେଲିଆ
କାନଡା ବର୍ମା ଆଫ୍ରିକା!
ଫିନ୍ ଲାଣ୍ଡ ଫ୍ରାନ୍‌ସ ଅଷ୍ଟ୍ରିଆ ଜର୍ମାନ
କୁନ୍ତଳା କୁଳ ଦୀପିକା ।
ଚେକ ସ୍ଲୋ ଭକିଆ ଜାପାନ ଇଟାଲି
ଇଥିଓପିଆ ନାଗରୀ
ସଉଦି ଆରବ ନେଦର ଲାଣ୍ଡସ
ଗ୍ରିସ୍ ଇରାକ ହଙ୍ଗେରି ।
ବିଶ୍ୱ ଶୋଭାବତି ଆୟାର ଲାଣ୍ଡ ବାଳା
ଇରାନ ଲିବ୍ୟା ମାଲୟ
ମେକ୍‌ସିକୋ ନରୱେ ପର୍ତ୍ତୁଗାଲ ତୁର୍କୀ
କୁନ୍ଦ ନାଙ୍ଗି ରଙ୍ଗାଳୟ ।
ରୁଷ ଆମେରିକା ଯୁମାନ୍ ଚ୍ଚାଇନା
ମର୍କକୋ ନାଇଜେରିଆ
ସେ ଯୁଗସ୍ଲୋଭିଆ ସୁଇଜର ଲାଣ୍ଡ
ସ୍ୱିଡେନ୍ ଓ ରୁମାନିଆ ।
ନିରୁପମ ରୂପ ଶୋଭା ପସରାରେ
ଭରି ବୋଲି ଜନମତ

ଦେଇଛୁ ଯାହାକୁ କେତେଥର କେତେ
ଦେଖି ଅଛୁ ସେ ଭରତ ।
ଦେଖିଛୁ ଏ ନେତ୍ର ଇସ୍ରାଏଲ ବାମା
କେତକୀ ବର୍ଣ୍ଣା ପ୍ରୋଲଣ୍ଡ
ବନତା ସମାଜ ଶୋଭା ସୁଧା ତାର
ମଦନ ମନ୍ତ୍ରିଷ୍ଟା କାଣ୍ଡ ।
ନାରୀ ହୋଇ ଏତେ ସୁନ୍ଦର ପ୍ରତିମା
ଅଛୁ ବୋଲି କାହା ପୁରେ
ଦେଖିବାତ ଦୂର ଆଜି ଯାକେ କେବେ
ଶୁଣି ନଥିଲୁ କର୍ଣ୍ଣରେ ।
ଧନ୍ୟ ସୁନ୍ଦର ତୋ କାମ କଳା କୁଞ୍ଜେ
ପୋତଛୁ ଯେ ସ୍ମର ଝଣ୍ଡା
ସେ ସିନା ପୁରୁଷ ଯୌନ ପୂଜା ପିଠେ
ମଦନର ବଡ଼ ପଣ୍ଡା ।
ଯୁବା ହୋଇ କେବା ଥରୁ ଟିଏ ତୋତେ
ବସାଇବା ପାଇଁ କୋଳ
ବାନମସ୍ତେ କହେ ପଣ ନ କରିବ
ନିଜର ଶିର କମଳ ।
ଦେହ ଦ୍ରୌପଦୀକୁ ଇନ୍ଦ୍ରସ୍ୱର କୁରୁ—
ସଭା ଆଗେ ବିବସନ
କରିବା ପାଇଁକି ସାଜି-ବନ କହ
କେଉଁ ଯୁବା ଦୁଃଶାସନ ।
ରକ୍ତମା ରସାଳ ଉରଜ ବୃନ୍ତାଳ
ଅରେ ଆଲିଙ୍ଗନ କରି
ମରିବାକୁ ହେଲେ କେଉଁ ହତଭାଗା
ମୃତ୍ୟୁକୁ ରହିବ ଡରି ।

ବାନ୍ଧିବନ୍ଧ କେବେ        ରୌରବ ନରକ
ଯୁଗ ଯୁଗ ଆରେ ଧନ
ନାହିଁ ହୋଇ ମଧ୍ୟେ        ଟିକିଁଥିବ ଯେଉଁ
ପୁଂସ ତୋ ପଣତ କାନ ।
ଆହା ରସବତୀ        କୁସୁମ କୋଦଣ୍ଡ
ଆରାଧନା ଅର୍ଘ୍ୟ ଥାଳି
ସୁକୁମାର ହୋଇ        କେତେ କଷ୍ଟ ଏଥେ
ସହିଲୁଣି ବର ବାଳି ।
ନ ମଲି ଯାହା ମୁଁ        ଏତେ ଦିନ ଧରି
ନ ନେଇ ସନ୍ଦେସ ତୋର
ବସି ଥିଲି ସିନ୍ଧୁ        ଦେଶେ ଯେଣୁ ନାହିଁ
ମୋ ପରି କେହି ନିଷ୍ଠୁର ।
ଆଜି ଉପଗତ        ତୋ ପଦ କିଙ୍କର
କ୍ଷମା ଦିଅ କ୍ଷମା ବତୀ
କ୍ଷମା ଦେଇ ବୁଦ୍ଧି        କର ରୂପ ସଙ୍ଗେ
ଗୁଣ କୁସୁମ ବ୍ରତତି ।
ସତ୍ୟ ସତ୍ୟ ସତ୍ୟ        ତିବାର ସତ୍ୟ ମୋ
ଜୀବ ଥିବା ଯାକେ ଧନ
ତୋ ମୁଖ ନିଷ୍କୃତ        ବଚନେ କରିବି
ଶାନ୍ତ ବୋଦକର ଜ୍ଞାନ
ଆଣ୍ଟୋଇ ଅସୁରି        ବାରମ୍ବାର କ୍ଷମା
ମାଗେ କର ଯୁଗ ଯୋଡ଼ି
ଭଗବତୀ ଭଗ        ଲାବଣ୍ୟ ଉଗ୍ରାଜ
ଦରଶନେ ମୁକ୍ଷ କରି ।
ଗହଳ କୁଟିଳ        କ୍ଲେମ ଲଷ୍ଟା ପୂର୍ଣ୍ଣ
ଉଦ୍ବର ମଦନ ମନ୍ଦା

ଉତ୍‌ପତ୍ତି ଯହିଁରୁ ପାଦ ପାଣି ସ୍ତନ
ନିତମ୍ବ ମାରନ୍ଦ୍ର ରନ୍ଧ୍ରା ।
ରଙ୍ଗ ଆଳ ବାଳ ଲୋକନେ ଦଇତ
ମୁଖେ ମାର ଚୁ ଚୁ କାଳ
ତର ତର ହେଲ ଚୁଣିବାକୁ ତହିଁ
ମନସିଜ ଫୁଲ ଡାଲ ।
ଅବଶେ ଦଇତ ବାତାହତ ରମ୍ଭା
ବୃକ୍ଷ ସମ ପଡ଼ି ତଳେ
ପ୍ରେମ କୋପେ ଅଛୁ ଯେତେ ଗୃହ୍ୟ ଭାଷା
ପ୍ରୟୋଗ କଲ ସେ ବେଳେ ।
ଆସରେ ସଜନ ଆସରେ ବାନ୍ଧବୀ
ଆସ ହୃଦେଶ୍ୱର ମୋର
ମୋ ଅଙ୍କ ସାହାଯ୍ୟ ସିକ୍ତ କର ବାଳା
ରଖି ତୋ ନିତମ୍ବ ଭାର ।
ଯାଇ ଯୁଇ ହେନା ବକୁଳ ନିଆଳ
ମଲ୍ଲିକା ଚମ୍ପା ସେବତୀ
ପ୍ରସୁତ ସୁଗନ୍ଧ ଅର୍କ ମଧ୍ୟେ ତୋତେ
ସାହାନ୍ନ କରାଇ ନିତ ।
ଚମ୍ପା ଗୋର ସମ୍ପା କରି ଡୋରେ ବାନ୍ଧ
ତୋର ମେଘ ରଙ୍ଗ ବେଣୀ
ସୁନ୍ଦର ତାରକା ତୋଳି ନୀଳାକାଶୁ
ଖଞ୍ଜିବ ତହିଁରେ ଆଣି ।
ଛଣ୍ଡାଇ ଆକାଶୁ ଦ୍ୱିତୀୟା ହିମାଂଶୁ
କରିବ କର୍ଣ୍ଣ ତାଟଙ୍କ
ପଞ୍ଚ ବାଣ ଦ୍ୱାରେ ଯତନେ ହିଷିରେ
ଖଞ୍ଜିବ ରବି ପଦକ ।

ପାଶେ ସନ୍ଧ୍ୟା ତାରା   ପାଶେ କୁଆଁ ତାରା
ନାସା ସପୁଟକେ ଦେଇ
ଇନ୍ଦ୍ର ଧନୁ ରଙ୍ଗେ   ରଙ୍ଗିତ ଅମ୍ବର
ଅଙ୍ଗରେ ମଣ୍ଡିବି ନେଇ ।
ଗୋଲାପ ମନ୍ଦାର   ଧଉତ ଶିଶିରେ
ପ୍ରାତ ରବି କର ଗୋଳି
ନୂତନ ତରଳ   ସୁଗନ୍ଧ ଅଳତା
ପାଦରେ ଦେବି ଗୋ ବୋଲି
ଧାତା କମଣ୍ଡଳୁ   ଜଳରେ ପ୍ରିୟେ ଗୋ
କେତକ ରଜକୁ ଦେଇ
ଖଳି ଅଙ୍ଗ-ରାଗ   ବନାଇ ଶ୍ରୀ ଅଙ୍ଗେ
ନିତ ବୋଳୁ ଥିବି ମୁହିଁ ।
ଶଯ୍ୟା ତୋହ୍ମ ପାଇଁ   ପାରିଜାତ ଗଙ୍ଗ-
ଶିଉଳି ଶିରଶେ କରି
ବସି ପାଦ ପାଶେ   ରଜନୀ ଗନ୍ଧାର
ଆଲଟେ ବିଞ୍ଚିବି ଗୋସ୍ବି
ଆଜ୍ଞା ହେଲେ ଭୃତ୍ୟେ   ମନ ଜାଣି ଧନ
ସ୍ବର୍ଗ ସ୍ବଧ ଏକ ମୁନା
ସଜାଡ଼ି ରଖିବି   ଯତନେ ନାଗରୀ
ତୋ ପ୍ରେମ ଆଶ୍ରମେ ସିନା ।
ହର ବାର୍ଯ୍ୟ ଦମ୍ଭ   ସୁଦର୍ଶନ ଚକ୍ର
ପାଶୁପତ ବ୍ରହ୍ମଶରୁ
ବ୍ରତୋଯା ବଜ୍ରର   ଶବଦେ ଶୃଙ୍ଗାର
ରଚିବ ଆରେ ରମ୍ଭରୁ ।
ଐରାବତ ହସ୍ତି   ଉଚ୍ଚୈଶ୍ରବା ଅଶ୍ୱ
ବୃଷଭ ଗରୁଡ଼ ବଳେ

ଭରୁଯାଉଥିଲା ଗୋ କୁଚ ଆମ୍ବଥିବ
ସମୀରର ତାଳେ ତାଳେ ।
ବକ୍ଷର ମସୃଣ ସୁସ୍ନିଗ୍ଧ ପ୍ରାନ୍ତରେ
କନକ କନ୍ଦୁକ ସ୍ତନ
ଖେଳୁଥାନ୍ତି ବନା କର୍କଶତ ଆଖି
ଦେଖି ହୋଇଯାଏ ମ୍ଳାନ ।
ପ୍ରଚଣ୍ଡ ଉଦଣ୍ଡ ହେଲଣି ସଜନୀ
ମଦନ କୁସୁମ କାଣ୍ଡ
ଆଜୀବନ ଦାସ ଜୀବନ ରଖ ଗୋ
ଦେଇ ରତି ସୁଧା ଖଣ୍ଡ ।
ଏ ରୂପେ ମିନତି କରେ ଦୈତ୍ୟ ପତି
ପଡ଼ି ଉମା ପାଦ ତଳେ
ଉଠାଇ ନପାରେ ଅବଶ ଶରୀର
ରହି ନପାରେ ନଶ୍ବଳେ
ସାହାନ୍ତ ଆଶ୍ରୟେ ତେତେବେଳେ ତେଣେ
ସିନ୍ଧୁ ଦେଶ ପାଟରାଣୀ
ବସ୍ତି ଅନ୍ତପୁରେ ପଦ୍ମିଣ ସୁନ୍ଦରୀ
ଖୋଜୁଥିଲେ ଠାକୁରାଣୀ ।
ଅଗ୍ରେ ବୃନ୍ଦାବତୀ ରୂପ ଶୋଭା ଦେଖି
ଚକିତ ହେଲେ ଦ୍ରବଭୂତ
ପ୍ରେମ ଅଙ୍କୋଘନେ ପିଠା ପିଠି ହେଲେ
ହୃଦ ଦେଶେ ପିଆ ପୁତ
ଖସିଲ ଚରଣ ଶୋଭାବତୀ ଶୋଭା
ପିଚ୍ଛଳ ମାର୍ଗରେ ପଡ଼ି
ପୃଷ୍ଠ ପିଠି ସ୍ଥିର କେଶରୀ ହୃଦୟ
ଗହ୍ବରୁ ଗୁଡ଼ିଲ ରଡ଼ି ।

ଝିମି ମାରି ଗଲା ସାରା ଶ୍ରୀ ଅଙ୍ଗରେ
ଘର୍ମାକ୍ତ ହେଲା କପୋଳ
ସର୍ବ ଅବୟବରୁ ଦମ୍ଭ ଯେନ ଝଟ-
କିଲା କନ୍ଦର୍ପ ତ୍ରିଶୂଳ ।
ପୁରେ ପୁରେ ଖୋଜି ଅନ୍ୟ ପୁରେ ଯେବେ
ପଶି ଯାଉଥିଲା କାଳୀ
ଶତ ମନମଥ ଭରିଲା ଅମୃତ
ଦେଉଥିଲା ତହିଁ ଢାଳି ।
ସୁନ୍ଦର ଗମନ ପ୍ରବାହେ ସୁମନ
ଉର୍ମି ଉଠୁଥିଲା ଊର୍ଦ୍ଧେ
ମଦନ ମୂର୍ଚ୍ଛନା ହେଉଥିଲା ଚୂନା
ମୃଦୁ ପଦ ପାତ ଶବ୍ଦେ ।
ଅଯତ୍ନ ଚକ୍‌କଣ ଚିକୁର ଚଞ୍ଚଳ
ଯୌବନ ପବନ ଶ୍ୱାସେ
କେବେ ବା ନିତମ୍ବ ହିମାଳୟ ଚୂଳେ
କେବେ ଉତ୍ତେ ନମ୍ର ଦେଶେ ।
ଏରୁଣ୍ଡିରେ ଉଭା ହୋଇ ଉଣ୍ଡୁଥିଲା
କଟି ଭଙ୍ଗି ଯେବେ ବାମା
ନଇଁ ଆସୁଥିଲା ତ ଇନ୍ଦ୍ର ଧନୁ
ଶାଶ୍ୱତ ଶୋଭା ସୁଷମା ।
କାଞ୍ଚି ଦାମ ସ୍ଥାନ ସଚଳ ସୁସୁମ
ଶାନ୍ତ ସୌମ୍ୟ ସ୍ତନ ଢାଳ
ନବ ବଧୂ ସମ ଅଳେଖ ବାସ ଠେକ
ଦେଖାଏ ମୁଖ ମଣ୍ଡଳ ।
ଫେଡ଼ି ବାହ୍ୟ ଦ୍ୱାର ସୁବର୍ଣ୍ଣ କବାଟ
ମୁଖ ଦେଖାନ୍ତି କି ଶିବ

ସ୍ନେହ ସୁଧା ବୋମା ଶିକାର ସକାଶୁ
ଖଞ୍ଜିଛୁ କି ମନୋଦ୍‌ଭବ ।
କାନ୍ତ ଶ୍ବର କାନ୍ତ ଦେଖି ଅଙ୍ଗ ସ୍ଥାନ
ହୁଅନ୍ତେ କେଳତ ପଥ
ସୁବର୍ଣ୍ଣ ଥାଳରେ ପିଣ୍ଡ ବାଢ଼ିଛ କି
ଦୟା ବହି ଦୟାବତୀ ।
ଅଧିକେ ତରୁଣି ଚରଣ ଯୁଗଳ
ବଢ଼ାଇ ଅରୁଣ କାନ୍ତି
ରକ୍ତାଭ ତଳପା ଧାରରୁ ତରଳ
ଲାକ୍ଷା ରସ କରେ ବାନ୍ତ ।
ତଦୁ ପରେ ପୁଣି ଦୁକୂଳ ଧଡ଼ିର
ଚପଳ ତରଙ୍ଗ ପ୍ରଭା
ଯୁବା-ଜନ ମନ ସମୁଦ୍ରକୁ ମନ୍ଥି
ବିକଶଇ ଦିବ୍ୟ ଶୋଭା ।
ସରସି ଉରସେ ବିଳସଇ ଯେହ୍ନେ
ଶୋଭିର ଚନ୍ଦ୍ରମା ହାଟ
ବସନ ତରଙ୍ଗ ତନ୍ତୁ ଦିଶେ ତେହ୍ନେ
ରଙ୍ଗବତୀ ଅଙ୍ଗ ନାଟ ।
ନିତମ୍ବିନ ଗରୁ ନିତମ୍ବ ଯୁଗଳ
ଯିବା-କାଳେ ନଥ ନଥ—
ହୋଇଣ ପ୍ରୀତିଆ ପିରତି କେଶରେ
ମାର ଦେଉଥାଏ ହାତ ।
ସେ ଶୁଳ୍କ ବସନ ତଳେ ଖେଳି ଖେଳି
ସଉନ୍ଦର୍ଯ୍ୟ ଶିଶୁ ନାଗ
ଦଇତାର ହୃଦେ ଦଂସନ କରଣ
ପ୍ରହାରିଲା ପୃଷ୍ଠ ଭାଗ ।

କ୍ରମେ ସଙ୍କୁଳିତ　　ହୋଇଣ ସେ ବପୁ
ସ୍ନେହ ରକ୍ତେ ଗଲା ମିଶି
ଶଶି ହାସି ସ୍ତନ　　ଯୌବନେ ଦର୍ଶନେ
ପୁଂସ ହୃଦ ଗଲା ରସି ।
ସେ ଶୋଭା ବନଜ—　　ବନ ଗନ୍ଧା ଘ୍ରାଣେ
ରସିକ ନେତ୍ର ଭ୍ରମର
ମଧୁ ଆସ୍ୱାଦନ　　ନମିତ ତା ପଛେ
ଧାଇଁଲା ହୋଇ ବିକଳ ।
ଇନ୍ଦିରା କମଳା　　ନାନା ନାମ ଧରି
ପ୍ରତି ପୁରେ ପୁରେ ଡାକ
ଅନ୍ତପୁର ଅନ୍ତ　　କୁସୁମ ଉଦ୍ୟାନେ
ପ୍ରବେଶିଲା ସାରଶାକ୍ଷି ।
ଉଷା ଉୌର୍ଯ୍ୟ ତକେ　　ସୂର୍ଯ୍ୟ ପ୍ରତିବିମ୍ବ
ନର୍ତ୍ତରେ ଯେସନ ପ୍ରଭା
ପୁଷ୍ପୋଦ୍ୟାନେ ପୁଷ୍ପ-　　ସୁନ୍ଦରୀ ସେବେଳେ
ଲଭିଲା ସିନା ସେ ଶୋଭା ।
ଉଦ୍ୟାନର ନଳ　　ପଣା କାଶେ ତାରି
ସୁମନ ଶୁଙ୍ଘିଲା ଶଶି
ପ୍ରୀତି ପାରାବାର　　ସ୍ରୋତେ କବା ସ୍ନେହ
ଉଚ୍ଛ୍ୱସି ଯାଉଛି ଭାସି ।
ଅବା ଭ୍ରମ ବସେ　　ମନ୍ମଥ ଶାସ୍ତ୍ରକ
ପସିଛି ଇନ୍ଦ୍ର କୋଦଣ୍ଡେ
କବା ପଦ ଯାଚି　　ପ୍ରଣୟ ପ୍ରତିମା
ମନ ସିଜ ବଜଦାଣ୍ଡେ ।
କି ଅବା କୁସୁମ　　ସାଗରୁ ସମ୍ଭୂତ
ଦ୍ୟୁତିସ୍ଥ ସାଗର ସୁତା

ଶୋଭା ସେବା ଶ୍ରମ    ମଥାନେ ଝେଲେଲ୍କ
ପ୍ରେମ ପାରିଜାତ ଲତା ।
ସ୍ଥାନୁ ସ୍ଥାନାନ୍ତରେ    ଫୁଲ ତୋଳା ତୋଷ
ସାହାନ୍ନ ମଣ୍ଡପେ ବାଳ
ପ୍ରବେଶିବା ଆଗୁ    ପାଗ୍ରେଛି ନେବାକୁ
ଧାଇଁ ଆସିଥିଲେ ଆଳ ।
ତରୁଣୀ ଯୌବନ    କୁସୁମ ଉଦ୍ୟାନୁ
ମଧୁ ଆହରଣ ଆସେ
ମଧୁ କର ମଧୁ    ସୁଦନ ସୁନ୍ଦର
ପଛେ ଧାଉଁ ଥିଲେ ହାସେ ।
ସଜନ ଗହଣେ    ସଜ ନଳୋତ୍ପଳ
ନୟନା ହୁଅନ୍ତେ ଲନ
ଲଭି ଗଲା ହୃଦୁ    ପ୍ରଶସ୍ତ ପ୍ରଦୀପ
ଉଭା ହେଲେ ଭଗବାନ ।
ଚୌଦଗେ ଚକତେ    ଗୃତକ ପଗ୍ରାଏ
ଯାହାଙ୍କୁ ଗୃହିଁଲେ ହର
ଦେଖା ଗଲା ତାହା    ସୁନ୍ଦରୀ ମଣିର
କୁନ୍ଦଲା ଯୌବନ ଶିର ।
ବର୍ଜନ କରିଣ    ଶାହାନ୍ନ ମଣ୍ଡପେ
ମରୁ ମରଚକା ଭଲ
ବଚ୍ଛେଦ ଅନଲ    ଧୂଉ ଧୂଉ ହୋଇ
ଚୌଦଗେ ଉଠିଲା ଜଲ ।
କାୟା ରୂପେ ପାଇ    କାୟାରେ କାୟାକୁ
କରିବାକୁ ଏକା କାର
ଜଳନ୍ଧର ରୂପେ    ତଟିନୀ ତଟରେ
ଉଭା ହେଲେ ମାୟାଧର ।

ଶଜନ୍ନ ଗନ୍ଧଣେ ରଜ ନସ ମୁଖି
ମାଧ୍ୟ ପଦ୍ମ ମୁଖ ଦେଖି
ରଙ୍କ ପ୍ରାପ୍ୟ ଆସି ଚରଣ ଯୁଗଳେ
ନିବେଦିଲା ପଙ୍କଯାକ୍ଷୀ ।
କାନ୍ତା କାନ୍ତ କର୍ଣ୍ଣେ ଫୁଙ୍କିଲେ କି ମନ୍ତ୍ର
କନ୍ଦର୍ପ କେଲା କେଲୁଣି
ସମର୍ଥନ କଲା ବେନକୁ ସେବେଳେ
ବେନଙ୍କ ବାଙ୍କ ଟୁହାଣି ।
ରାଜାଙ୍କ ଆଦେଶ ଚେଟି ବର୍ଗ ବସ୍ତ୍ରେ
ଚେଟି ଏ ରଚିଲା ଚେରା
ସେ ଚେରା ଭିତରେ ପ୍ରବେଶିଲେ ନୃପ
ସଙ୍ଗେ ଧରି ନାରୀ ହୀରା ।
ଶୁଖି ଫାଟି ଥିଲା ପ୍ରଣୟ ପିୟୂଷ
ବହୁନେ ପିରଣ ଖେତ
କଙ୍କରିତ ସ୍ଥଳେ ପିଚୁ ନାରକେଲ
ଦ୍ୱିଫାଳ ହୋଇବା ମତ ।
ଢଳାଇଲା ଏବେ ସ୍ନେହା କାଶୁବର୍ଷି
ମୁଷଳ ଧାରରେ ଜଳ
କାଢ଼ିଲା ସନ୍ଧାରୁ କୁଣ୍ଡକ ବାପୁଡ଼ା
ଯତନେ ଫୁଲ୍ ଲଗାଇଲା ।
ସୁମନ ଶଯ୍ୟାରେ ଜତନେ ସଜାଡ଼ି
ପ୍ରେମ ପଦେ ଚିତ ଚୋର
ପିଟି ଦେଲେ ଦୁହେଁ ଯୌବନ ପଥରେ
ମନ୍ମଥ ଡାକ ମୋହର ।
ସତ (ସତ କୋଟି) ସବଦ ଏବେଳେ
ସଭବିଲା ଶିବପୁରୁ

ମଦନ ମୋହନ ରଥ ପ୍ରତି ଧାଇଁଲୁ
ଭୟେ ଉଭା ହେଲା ଭୀରୁ ।
କଏରେ ପାପିଷ୍ଠ ପଥ ବେସେ ଆସି
ନାଶିଲୁ ସତୀତ୍ୱ ମୋର
ନାହିଁତ ତୋଠାରେ ଅସୁର କୁଳର
ବର୍ଯ୍ୟ ଦମ୍ଭ ଫୁଲ ସର ।
କେଶର ନୋହୁରୁ ରଥଶାସ୍ତ୍ରେ ଶିଶ୍ୟ
କରିବାକୁ କେଶରଣି
ନଲ୍ଲିଜ କ ଦମ୍ଭେ ବଳାଇଲୁ ଚିତ
ଜୀବନେ ଛଡାଇ ପାଣି ।
ବଘ୍ର ନୋହୁ କାଦ- ମ୍ବିନ ଅଙ୍ଗ ସଙ୍ଗ
ଗଯ ମୂର୍ଖିର ଏ ରଥ
କାଥ ଚିଣ ହୋଇ ଶାଥି ଇଚ୍ଛୁ ଧୂତ
ତପ୍ତ ସୁବର୍ଣ୍ଣ୍ୟ ସଙ୍ଗତ ।
ଗ୍ରୁଗ ନୋହୁ ନାଗ ରମଣି ରମଣେ
ବଳାଇଲୁ କମ୍ପା ଆଶା
କାଥ ଧଣ୍ଡ ହୋଇ ଛୁଟରୁ ପାଚଲୁ
ସିରେ ବହୁବା କୁରସା ।
ନୋହୁ ନୀଳ କଣ୍ଠ ଆକଣ୍ଠ କରିଲୁ
ଆଜି ଯେ କଲ୍ମଷ ପାନ
ସେ ପାପ ଫଳର ସମୁଚିତ ଶାପୀ
ହେଉ ତୋ ତନୁ ପାଷାଣ
ଗଣ୍ଡକି ଜଳରେ ଝଣ୍ଡ ଝଣ୍ଡ କରି
କାଟୁ ତୋତେ ବଜ୍ର କୀଟ
ସତ ଯେବେ ମୁହିଁ ହରୁ ତୋ ଘରଣି
ଏ ମମ କୁଳ ସମ୍ରାଟ ।

ଏ ବେଳେ ସହସା    ପ୍ରଚଣ୍ଡ ପବନେ
ଜଳଦର ମୃତ୍ୟୁପିଣ୍ଡ
ସୁନ୍ଦର ସମ୍ମୁଖେ    ପଡ଼ୁ ସେ ସନ୍ଦର୍ଶେ
ଦୋହଲି ଗଲା ବ୍ରହ୍ମାଣ୍ଡ
ଛଟାରେ ବଟାଇ    ନୀଳକାନ୍ତ ମଣି
ଶାମ ରୂପ ଦେଖି ଶ୍ୟାମା
ଚମକି କାମୋଡ଼ି    ରସନା ଶ୍ରୀପଦେ
ଶିର ସମ୍ଭାଇଲା ବାମା
ନଥିଲା ନବିନା    ନୟନରେ ନୀର
ଢଳେ ମାତ୍ର ସ୍ୱାମୀ ପାଇଁ
ଯାହାକୁ ଦେଲାଏ    ଗରୁ ଶାପ ବାଳା
କାନ୍ଦୁଥିଲା ତାହାପାଇଁ ।
ପ୍ରିୟା ପାପ ପ୍ରୀତି    ପର ସ୍ତ୍ରୀ ଯୌବନ
ଦର୍ଶନର ପାପ ଫଳେ
କମ୍ପୁଥିଲା ଯା'ର    ଇଙ୍ଗିତେ ନିପୁର
ଲେଟିଲା ତା ତନୁ ତଳେ ।
ଦାସ ପଣ୍ଡା ହୋତା    ଶତପଥି ମିଶ୍ର
ନନ୍ଦ ପାଣି କର ମିଳି
ଯେ ଗ୍ରାମ୍ୟ ଜନନୀ    କନକ ସୁନ୍ଦରୀ
ପଦେ କରେ କଉଚ୍ଛୁଳି ।
କପିଳେନ୍ଦ୍ର ଦେବ    ପ୍ରତିଷ୍ଠିତ ହେତୁ
ସେତ କପିଳେନ୍ଦ୍ରପୁର
ନାନା ବେଦ ଧ୍ୱନି    ଶାସ୍ତ୍ର ସତ୍‌ଦର୍ଶୀ *
ସତ ସତାଙ୍କ ଭୂପୁର
ପରିବାରବର୍ଗେ    ସମ୍ଭୂତ ଯେଣୁ ମୁଁ
ପୂର୍ବ ବଂଶଧର ପ୍ରତି

ଶାଶ୍ବତ ମୁକ୍ତିର କାମନା ଉଦ୍ଦେଶେ
ଟାଳଇ ଭକ୍ତ ପ୍ରଣତ ।

* ଷଡଦର୍ଶୀ - ପୂର୍ବ ମୀମାଂସା - ବେଦାନ୍ତ - ସାଂଖ୍ୟ - ପାତାଞ୍ଜଳ -
ନ୍ୟାୟ ଓ ବୈଶେଷିକ - ଏଇ ଛଅଟି ଦର୍ଶନ ଶାସ୍ତ୍ର ।